# ଓଁ ଶ୍ରୀ ସାଇରାମ
# କିଛି ଅନାବଶ୍ୟକ ନୁହେଁ (୧)

**ପ୍ରାରମ୍ଭିକ ପ୍ରଶ୍ନାବଳୀ**

୧. ଆମ ପ୍ରତ୍ୟେକଙ୍କ ଘରେ ଡଷ୍ଟବିନ ବା ଅଳିଆ ଡବା କାହିଁକି ରଖାଯାଏ ?

୨. ଆମେ ସେ ଅଳିଆ ଡବାରେ କ'ଣ ସବୁ ପକାଉ ?

୩. ସେ ସବୁ ଜିନିଷ ଆମେ ଅଳିଆ ଡବାରେ କାହିଁକି ପକାଉ ?

୪. କେବେ ଚିନ୍ତା କରିଛେ କି ଅଳିଆ ଡବାରେ ଅଦରକାରୀ ଭାବି ପକାଉଥିବା ଜିନିଷ ବି ଆମର ଦରକାରରେ ଆସିପାରେ ବୋଲି ?

ଆମ ସମସ୍ତଙ୍କ ଘରେ ଗୋଟିଏ ଜାଗା ଥାଏ, ଯେଉଁଠି କି ଆମେ ଘରର ସମସ୍ତ ଅଦରକାରୀ ଜିନିଷ ରଖୁ । ତା'ପର ଦିନ ଆମେ ତାକୁ ଘର ବାହାରେ ଗୋଟିଏ କଣରେ ଫୋପାଡିଦେଇ ଆସୁ । ଆଜିକାଲି ସହରରେ ଗୋଟେ ଅଳିଆବୁହା ଗାଡି ଡାକି ଡାକି ଆସୁଛି ଓ ଆମେ ଆମର ଅଦରକାରୀ ବା ଅନାବଶ୍ୟକ ଜିନିଷ ଗୁଡିକ କ'ଣ ? ଆମେ ଚିନ୍ତା କଲେ ଜାଣିପାରିବା ଯେ ଯେଉଁ ଜିନିଷ ଗୁଡିକ ଆମର କୌଣସି ବି ଦରକାରର ଆସେନାହିଁ ସେଗୁଡିକ ଅଦରକାରୀ । ଉଦାହରଣ ଦେବା-

୧. ପରିବା ଚୋପା,

୨. ବ୍ୟବହାର ହେଉନଥିବା ଲୁଗାପଟା,

୩. ଭାଙ୍ଗିଯାଇଥିବା କପ୍‌ପ୍ଲେଟ,

୪. ଖରାପ ହୋଇଯାଉଥିବା ଦାନ୍ତଘଷା ବ୍ରସ, ଇତ୍ୟାଦି ।

ଏଠାରେ ଆମେ ଆଉଥରେ ଚିନ୍ତା କରିବା, ସତରେ କ'ଣ ଏ ନିଜିଷ ଗୁଡିକ ଆମର ଅନାବଶ୍ୟକ ? ଆମେ ଯେଉଁ ଉଦାହରଣ ସବୁ ନେଇଛେ । ସେଇଥିରୁ ଗୋଟେ ଗୋଟେ ନେବା । ପରିବାଚୋପାକୁ ଆମେ ଗୋଟିଏ ଖାତ କରି ତା ଭିତରେ ପକାଇବା । କିଛି ଦିନ ପରେ ଦେଖିବା ସେହି ଚୋପାଗୁଡିକ ଖତରେ ପରିଣତ ହୋଇ ଯାଇଛି । ସେହି ଖତକୁ ଆମେ ଆମ ବଗିଚାରେ ଲଗାଇଥିବା ଗଛମୂଳରେ ଦେଲେ ଗଛ ଖୁବ୍ ହୃଷ୍ଟପୃଷ୍ଟ ହୋଇ ବଢ଼ିବ ଏବଂ ଉତ୍ତମ ଫସଲ ଆମକୁ ଦେବ । ତାପରେ ହେଲା ବ୍ୟବହାର ହେଉ ନଥିବା ଲୁଗାପଟା । ସୂତା ଲୁଗାକୁ ଆମେ କାଟିକରି ରୋଷେଇ ଘରେ ବିଭିନ୍ନ ପ୍ରକାର କାମରେ ଲଗାଇ ପାରିବା । ଘର ପୋଛା କାମ ବି କରିପାରିବା । ପା' ପୋଛ ତିଆରି କରି ଘର ଦୁଆର ମୁହଁରେ ପକାଇ ପାରିବା । ଏମିତି ଅନେକ କିଛି କାମରେ ଲାଗିପାରେ ।

ତୃତୀୟରେ ଭଙ୍ଗା କପ୍‌ପ୍ଲେଟକୁ ଆମେ ଅଠାରେ ଯୋଡି ତିଆରି କରି ପାରିବା । ଯାହାକୁ ଆମେ "Best out of waste" କହୁଛେ । ତା'ପରେ ପୁରୁଣା ଦାନ୍ତଘଷା ବ୍ରସ୍‌କୁ ଆମେ ରଙ୍ଗରେ ବୁଡ଼ାଇ ରଙ୍ଗ ଦେବା କାର୍ଯ୍ୟରେ ବ୍ୟବହାର କରିପାରିବା । ଏ ବିଷୟରେ ଆମେ ଟିକେ ଅଧିକ ଆଲୋଚନା କରିବା । ଆଗ କାଳରେ ବା ପ୍ରାଚୀନ କାଳରେ ଗୁରୁକୂଳ ଆଶ୍ରମରେ ରହି ଛୋଟଛୋଟ ପିଲାମାନେ ଗୁରୁଙ୍କଠାରୁ ଶିକ୍ଷା ଅର୍ଜନ କରୁଥିଲେ । ଘରଦ୍ୱାର ବାପା ମା'ଙ୍କୁ ଛାଡି ପିଲାମାନେ

ଗୁରୁଙ୍କ ଆଶ୍ରମରେ ରହି ବର୍ଷବର୍ଷ ଧରି ବିଭିନ୍ନ ପ୍ରକାର ଶିକ୍ଷା ସହ ଅନ୍ୟ ମାନବିକ ମୂଲ୍ୟବୋଧ ଶିକ୍ଷା ବି ଗ୍ରହଣ କରୁଥିଲେ । ଶିକ୍ଷା ଶେଷରେ ଗୁରୁଙ୍କ ଆଶୀର୍ବାଦ ଗ୍ରହଣ କରି ପିଲମାନେ ନିଜ ନିଜ ଘରକୁ ଫେରୁଥିଲେ ।

ଥରେ ଦୁଇଜଣ ପିଲା ସେମାନଙ୍କର ଶିକ୍ଷା ଶେଷରେ ଗୁରୁଙ୍କୁ କିଛି ଦକ୍ଷିଣା ଦେବାକୁ ମନସ୍ଥ କରି ଗୁରୁଙ୍କ ନିକଟକୁ ଗଲେ । ଗୁରୁଙ୍କ ଆଗରେ ଠିଆହୋଇ ହାତଯୋଡ଼ି ଅତି ବିନମ୍ର ଭାବରେ କହିଲେ, ଗୁରୁଦେବ, ଗୁରୁଦକ୍ଷିଣା ସ୍ୱରୁପ ଆମେ ଆପଣଙ୍କୁ କିଛି ଦେବାକୁ ଚାହୁଁଛୁ । ଉପହାର ଆକାର ଆପଣ ଆମଠାରୁ କ'ଣ ଆଶାକରନ୍ତି କହିଲେ ଆମେ ଉପକୃତ ହୁଅନ୍ତୁ । ଗୁରୁ ଶିଷ୍ୟଙ୍କ ଠାରୁ ଏ କଥା ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ । ଶିଷ୍ୟଙ୍କର ଭକ୍ତି, ଶୃଙ୍ଖଳା, କର୍ତ୍ତବ୍ୟ ପରାୟଣତା ଦେଖି ଗୁରୁ ସେମାନଙ୍କୁ ଆସିର୍ବାଦ କଲେ । ଗୁରୁ ତାଙ୍କ ଶିଷ୍ୟ ମାନଙ୍କଠାରୁ କିଛି ମୂଲ୍ୟବାନ ବସ୍ତୁ ଗୁରୁଦକ୍ଷିଣା ସ୍ୱରୁପ ଚାହୁଁନଥିଲେ । ତେଣୁ ସେ ପିଲାମାନଙ୍କୁ କହିଲେ, ଠିକ୍ ଅଛି । ଆମ ଆଶ୍ରମର ପଛପଟରେ ଗୋଟେ ଜଙ୍ଗଲ ଅଛି । ତୁମେ ଦୁହେଁ ସେଠାକୁ ଯାଇ କିଛି ଅଦରକାରୀ ଶୁଖିଲା ପତ୍ର ଆଣି ମତେ ଦେଲେ ମୁଁ ଖୁସି ହେବି । ଗୁରୁଙ୍କର ଏପରି ଅଦ୍ଭୁତ ଉପହାର କଥା ଶୁଣି ପିଲା ଦୁଇଜଣ ଆଶ୍ଚର୍ଯ୍ୟ ହୋଇଗଲେ । ତଥାପି ଗୁରୁଙ୍କ ଆଦେଶ ମାନି ସେମାନେ ଜଙ୍ଗଲକୁ ଗଲେ । (ସଚିତ୍ର ଚିତ୍ରମାଳା ବହିରେ ଥିବା ଗୁରୁକୂଳର ଚିତ୍ର) ।

ଜଙ୍ଗଲରେ ପ୍ରବେଶ କରି ଦେଖିଲେ ଯେ, ଗୋଟିଏ ଗଛ ମୂଳରେ କିଛି ଶୁଖିଲା ପତ୍ର ଗଦାହୋଇଛି । ପିଲାମାନେ ସେଠାକୁ ଯାଇ କିଛି ପତ୍ର ଗୋଟାଇଛନ୍ତି କି ନାହିଁ, ଜଣେ କୃଷକ ଦୌଡିଦୌଡି ଆସି କହିଲେ, ଦୟାକରି ଆପଣମାନେ ଏ ପତ୍ରସବୁକୁ ନିଅନ୍ତୁ ନାହିଁ । ମୁଁ କମ୍ପୋଷ୍ଟ ଖତ ତିଆରି କରି ଗଛ ମୂଳରେ ସାର ଆକାରରେ ଦେଲେ ଉତ୍ତମ ଫସଲ ପାଇବି ।

ଏହା ଶୁଣି ପିଲା ଦୁହେଁ ସେଠାରୁ ପଳାଇ ଗଲେ । କିଛି ଦୂର ଗଲାପରେ ଦେଖିଲେ, ତିନୋଟି ସ୍ତ୍ରୀ ଲୋକ ଶୁଖିଲା ପତ୍ର ସବୁ ଏକାଠି  କରି ତିନୋଟି ଝୁଡିରେ ରଖୁଛନ୍ତି । (ଏଠାରେ ସଚିତ୍ର ଗଳ୍ପମଳାରେ ଥିବା ସୁନ୍ଦର ସୁନ୍ଦର ଚବିତ୍ର ଗୁଡିକୁ ପିଲାଙ୍କୁ ଦେଖାଇଲେ ସେମାନେ ଠିକ୍ ଭାବରେ ବୁଝିପାରିବେ ।)

ଏହାଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପଚାରିଲେ ଏ ଅନାବଶ୍ୟକ ଶିଖିଲା ପତ୍ର ଗୁଡିକ କାହିଁକି ଝୁଡିରେ ରଖୁଛ ? ଏସବୁ ତୁମର କି ଉପକାରରେ ଲାଗିବ ? ଜଣେ ସ୍ତ୍ରୀଲୋକ କହିଲା, ମୁଁ ଏଇ ପତ୍ରଗୁଡିକ ଜାଳି ପାଣି ଗରମ କରିବି । ଏହି ଗରମ ପାଣି ମୁଁ ଓ ମୋ ପରିବାର ଲୋକେ ଗାଧୋଇବୁ ଏବଂ ଲୁଗା ସଫା କରିବୁ । ଦ୍ୱିତୀୟ ସ୍ତ୍ରୀ ଲୋକଟି କହିଲେ, ମୁଁ ଏଇ ବଡ଼ବଡ଼ ପତ୍ରଗୁଡିକ ସିଲେଇ କରି ଖଲିପତ୍ର ତିଆରି କରି ବିକ୍ରି କରିବି । ଏହି ଖଲି ପତ୍ର ଆଶ୍ରମ ଓ ମନ୍ଦିର ମାନଙ୍କରେ ଖାଇବା ଥାଳି ରୂପେ ବ୍ୟବହୃତ ହୁଏ । ଏଥିରୁ ମୁଁ କିଛି ପଇସା ରୋଜଗାର କରି ମୋ ପରିବାର ଚଳାଏ । ତୃତୀୟ ସ୍ତ୍ରୀଲୋକ ଜଣକ କହିଲା, ମୋ ସ୍ୱାମୀ ଜଣେ ବୈଦ୍ୟ । ସେ  ଏ ପତ୍ର ସବୁରୁ ଔଷଧ ତିଆରି କରନ୍ତି । ଏହାକୁ ବିକ୍ରି କରି ସେ ଆମ ପରିବାର ଚଳାନ୍ତି ।

ଏ ସବୁ ଶୁଣି ପିଲା ଦୁଇଜଣ ସେ ସ୍ଥାନ ଛାଡି ଆଗକୁ ଚାଲିଲେ । କିଛି ଦୂରରେ ଦେଖିଲେ ଗୋଟଏ ଡେଙ୍ଗା ଗଛମୂଳରେ କିଛି ଶୁଖିଲା ପତ୍ର ପଡିଛି । ମନ ଖୁସିରେ ପତ୍ରକୁ ସେମାନେ ଉଠାଇବାକୁ ଉଦ୍ୟତ ହୁଅନ୍ତେ । ଗୋଟେ ବଡ଼ ପକ୍ଷୀଟେ ଉଡିଆସି ଝାମ୍ପିନେଇ ପତ୍ରଟି ଉଠାଇନେଲା । ପତ୍ରଟି ନେଇ ଗୋଟେ ଛୋଟ ଗଛ ଉପରେ ରଖି କିଛି ଶୁଖିଲା ଘାସ ବ୍ୟବହାର କରି ଗୋଟିଏ ସୁନ୍ଦର ଘର ତା ନିଜ ପାଇଁ ତିଆରି କଲା । ପିଲାମାନେ ଏହାଦେଖି ଆଶ୍ଚର୍ଯ୍ୟ ହୋଇଗଲେ । (ଏଠାରେ ସଚିତ୍ର ଚିତ୍ରମାଳାର ଚିତ୍ରଟି  ଦେଖିକରି ପିଲାମାନେ ବୁଝିପାରିବେ ଚଢ଼େଇର ବସା ବିଷୟରେ ।)

ନିଜର କାମ ପୂରଣ ନ ହୋଇପାରିବାରୁ ମନଦୁଃଖରେ ହତାଶ ହୋଇ ଗୁରୁକୂଳ ଆଶ୍ରମକୁ ଫେରିବା ପାଇଁ ମନସ୍ଥ କଲେ । ଫେରିବା ବାଟରେ ଗୋଟେ ପୋଖରି ପଡିଲା । ହଠାତ୍ ପୋଖରି ପାଣିରେ ଗୋଟେ ବଡ଼ ପତ୍ରଟେ ଭାସୁଥିବାର ସେମାନେ ଦେଖିଲେ । ଚାରିଆଡକୁ ଚାହିଁଲେ ଦେଖିଲେ ପାଖଆଖରେ କେହି ଜଣେ ବି ଲୋକ ଦେଖାଯାଉ ନାହାଁନ୍ତି । ଜଣେ ଛାତ୍ର ଖୁସି ହୋଇ ପାଣି ଭିତରେ ପଶି ପତ୍ରଟି ଉଠାଇ ଆଣି ଦେଖେ ତ ଦୁଇଟି ବଡ଼ ବଡ଼ କାଇପିମ୍ପୁଡି ସେହି ପତ୍ର ଉପରେ ଚାଲୁଛନ୍ତି । ସେମାନେ ଶିଷ୍ୟଟିକୁ ଦେଖି ଇତସ୍ତତଃ ହୋଇ ପତ୍ର ଉପରେ ଚାଲିବାକୁ ଲାଗିଲେ । ଯେପରିକି ସେମାନେ କହୁଛନ୍ତି । "ଏ ଶୁଖିଲା ପତ୍ର ଆମର ଜୀବନ ନୌକା । ଏହା ନଥିଲେ ଆମେ ପୋଖରୀ ପାଣିରେ ବୁଡିକି ମରିଥାନ୍ତୁ ।" ପିଲାଟି ଚମକି ଉଠିଲା ଏବଂ ତତ୍କ୍ଷଣାତ୍ ଧୀର କରି ପତ୍ରଟିକୁ ପାଣି ଉପରେ ଥୋଇଦେଇ ପୋଖରୀ ଉପରକୁ ଚାଲିଆସିଲା । ଏହାପରେ ଉଦାସ ମନରେ ଦୁହେଁ ଖାଲି ହାତରେ ଆଶ୍ରମକୁ ଫେରିଲେ ।

ହାତଯୋଡି ଗୁରୁଙ୍କୁ କହିଲେ, କ୍ଷମା କରିବେ ଗୁରୁଦେବ । ଜଙ୍ଗଲ ସାରା ବୁଲିବୁଲି ଆମେ ଗୋଟିଏ ବି ଶୁଖିଲା ପତ୍ର ପାଇଲୁ ନାହିଁ ଯାହା କି ଅନାବଶ୍ୟକ । ଶୁଖିଲା ପତ୍ର ଯେ ଏତେ କାମରେ ଲାଗିପାରେ ତାହା ଆମେ ଏବେ ଜାଣୁଛୁ । ତେଣୁ ଅନାବଶ୍ୟକ ପତ୍ର ଆମେ ଆପଣଙ୍କ ପାଇଁ ଆଣି ପାରିଲୁ ନାହିଁ । ଆମକୁ କ୍ଷମା କରନ୍ତୁ । ଗୁରୁ ଅତ୍ୟନ୍ତ ପ୍ରେମର ସହ ପିଲାଙ୍କୁ କହିଲେ ମୁଁ ଯେଉଁ ଗୁରୁଦକ୍ଷିଣା କଥା କହୁଥିଲି ତାହା ମୁଁ ପାଇସାରିଛି । ତୁମ୍ଭେମାନେ ଏଇ ଯେଉଁ ଜ୍ଞାନ ପାଇଛ ତାହା ହିଁ ମୋର ପ୍ରକୃତ ଗୁରୁଦକ୍ଷିଣା ପିଲା ଦୁହେଁ ଗୁରୁଙ୍କ ପାଦତଳେ ଆଣ୍ଠୁମାଡି ଯୋଡହସ୍ତରେ ବସି ଭାବୁଥିଲେ । ଗୁରୁ କାହିଁକି ସେମାନଙ୍କୁ ଅଦରକାରୀ ଶୁଖିଲା ପତ୍ର ଆଣିବାକୁ କହିଥିଲେ । ଏହାଭିତରେ ଥିବା ପ୍ରକୃତ ଜ୍ଞାନ ସେ ଆଜି ହିଁ ପାଇଛନ୍ତି । ସୃଷ୍ଟିରେ କିଛି ବି ଅନାବଶ୍ୟକ ନୁହେଁ । ପ୍ରତ୍ୟେକ ଜିନିଷର କିଛିନା କିଛି ଆବଶ୍ୟକତା ଥାଏ । ତେଣୁ ସାମାନ୍ୟ ଶୁଖିଲା ପତ୍ରଟି ମନୁଷ୍ୟ, ପକ୍ଷୀ, କୀଟର ଏତେକାମରେ ଲାଗିପାରେ । ମଣିଷ ଶରୀର ତ ସବୁଠାରୁ ମୂଲ୍ୟବାନ । ତେଣୁ ତାର ଶରୀର ଯେ କେତେ କାମରେ ଲାଗିପାରେ ତାହା ସେମାନେ ହୃଦୟଙ୍ଗମ କରୁଥିଲେ ।

ଏଥରକ ଗୁରୁ ପିଲାମାନଙ୍କୁ ଗଳ୍ପଟିର ନାମ କଣ ବୋଲି ପଚାରିବେ । ପିଲାମାନେ ନିଶ୍ଚିତ ଭାବରେ ବିଭିନ୍ନ ପ୍ରକାରେ ଉତ୍ତର ଦେବେ । ଗୁରୁ ସବୁ ପିଲାଙ୍କ୍ଙ୍କ ଉତ୍ତରକୁ ଏକାଠି କରି ଗଳ୍ପର ନାମ "କିଛି ବି ଅନାବଶ୍ୟକ ନୁହେଁ" ବୋଲି କହିବେ ।

(ଏଠାରେ ଦିଆଯାଇଥିବା ଦାସକାଠିଆ ଗୀତଟିକୁ ପିଲାଙ୍କୁ ଶୁଣାଇବା । ଲେଖାଯାଇଥିବା ନାଟକଟିକୁ ମଧ୍ୟ କିଛି ପିଲାଙ୍କୁ ନେଇ ଉପସ୍ଥାପନା କରାଗଲେ ପିଲାମାନେ ଉପକୃତ ହେବେ ।

**ଭଗବାନ ବାବାଙ୍କ ବାଣୀ:-**

> ଭଗବାନ ବାବା କହିଛନ୍ତି- "ଏ ସୃଷ୍ଟି ପ୍ରେମରୁ ହିଁ ଉଦ୍ଭବ ହୋଇଛି । ତେଣୁ ପ୍ରେମରୁ ଉଦ୍ଭବ ହୋଇଥିବା କୌଣସି ଜିନିଷ ଅଦରକାରୀ ବା ଅନାବଶ୍ୟକ ହୋଇ ନପାରେ । ତେଣୁ ପ୍ରତ୍ୟେକ ବସ୍ତୁର ଉପକାରିତା ବିଷୟରେ ଆମେ ଜାଣିବା ନିହାତି ଜରୁରୀ । ନିର୍ଦ୍ଧିଷ୍ଟ ଏକ ଲକ୍ଷ୍ୟ ନେଇ ଏ ସୃଷ୍ଟି ସର୍ଜନା କରାଯାଇଛି । ତେଣୁ ଏଠାରେ କୌଣସି ବସ୍ତୁ ଅନାବଶ୍ୟକ ହୋଇନପାରି ପ୍ରତ୍ୟେକ ଜିନିଷକୁ ଦରକାରି ଭାବି ଆମେ ତା'ର ଯତ୍ନ କରିବା ।"

ମୂଲ୍ୟବୋଧ ସଂଗୀତ–

ପ୍ରଭୁଙ୍କ ନିର୍ଦ୍ଦେଶେ ଗଢ଼ା ଆମ ଏ ଧରାପୃଷ୍ଠରେ
କିଛି ବି ଅନାବଶ୍ୟକ ନୁହେଁ ଏହି ଧରାଧାମରେ ।
ବିନା କାରଣରେ ଏଠାକୁ କେହି ଆସନ୍ତି ନାହିଁ
ଏ କଥାକୁ  କେବେ ଆମେ ଭୁଲିବା ନାହିଁ ।
ବଣୁଆ ଫୁଲତ ବନସ୍ତେ ଫୁଟି ଥାଆନ୍ତି ସତ
କେତେ ସୁଗନ୍ଧର ମହକ ବିଛୁରାନ୍ତି ସତତ ।
ଔଷଧ ତିଆରି କାମରେ କେତେ ଲାଗନ୍ତି ପରା
ସୁଗନ୍ଧରେ ମହକାଇ ଦିଅନ୍ତି ସାରା ବିଶ୍ୱକୁ ପୁରା ।
ପ୍ରତି ମଣିଷର ଥାଏ ଯେ ଭଲ ଗୁଣ ଅନେକ
ଦରକାର ବେଳେ ବିଛୁରି ଯାଏ ତା'ର ମହକ ।

**ସାମୁହିକ କାର୍ଯ୍ୟ–**

ଗୁରୁ ବ୍ଲାକବୋର୍ଡରେ କିଛି ଅକ୍ଷର ଲେଖିବେ ଏବଂ ପିଲାଙ୍କୁ କହିବେ ଶବ୍ଦ ତିଆରି କର । (ଗଳ୍ପରେ ଥିବା ଶବ୍ଦ)

| | | | | | | | | |
|---|---|---|---|---|---|---|---|---|
| ଶି | ଗୁ | ପ | ଅ | ବ | ନୁ | ମ | ପ | ରୁ |
| ତ୍ର | ଶୁ | ଶ୍ୟ | ନା | ହେଁ | ଶି | ଶ | ଷ୍ୟ | ଲା |
| ଖି | କ | ଛି | କି | ର | ରା | ବା | ସେ | |
| ର | କା | ପ | ର | | | | | |

୨) ଗୁରୁ ଏହି ଗଳ୍ପରୁ ପିଲାଙ୍କୁ କିଛି ପ୍ରଶ୍ନ ପଚାରିବେ ।

କ) ଦୁନିଆଁରେ ଏତେ ନିଜିଷ ଥାଉ ଥାଉ, ଗୁରୁ ଶିଷ୍ୟ ମାନଙ୍କୁ ଶୁଖିଲା ପତ୍ର କାହିଁକି ମାଗିଲେ ।

ଖ) ଶୁଖିଲା ପତ୍ର ଆମର କି ପ୍ରକାର କାମରେ ସବୁ ଲାଗେ ?

ଗ) କେଉଁ ପତ୍ରକୁ ଆମେ ଔଷଧ ରୁପେ ବ୍ୟବହାର କରନ୍ତି ?

ଘ) ଏମିତି କିଛି ପଦାର୍ଥ ଅଛି, ଯାହା ଅଦରକାରୀ ମନେହୁଏ କିନ୍ତୁ କାମରେ ଲାଗିପାରେ ? କ'ଣ ସବୁ ସେଥିରୁ ତିଆରି କରି ହେବ ।

ଙ) ଆମ ଶରୀର କେଉଁ ସବୁ କାମରେ ଲାଗି ପାରିବ ?

୩) ଆମ ଶରୀରର ଅଙ୍ଗପ୍ରତ୍ୟେଙ୍ଗ ଗୁଡିକ କେଉଁସବୁ କାମରେ ଲାଗିବା ଉଚିତ ।

କ) ଆଖି – ଭଲ ଜିନିଷ ଦେଖିବା

ଖ) କାନ – ଭଲ କଥା ଶୁଣିବା

ଗ) ଜିହ୍ୱା – ଭଲ କଥା କହିବା

ଘ) ହାତ – ଅନ୍ୟମାନଙ୍କର ସେବା କରିବା ।

ଙ) ଗୋଡ଼ – ଭଲଭଲ ଯାଗାକୁ ଯିବା । ଯଥା ମନ୍ଦିର, ତୀର୍ଥସ୍ଥାନ

୪) ପ୍ରତ୍ୟେକ ପଦାର୍ଥର ସୁ ବିନିଯୋଗ ପାଇଁ କେଉଁ ଦୁଇଟି କଥା ନିହାତି ଆବଶ୍ୟକ ।

୧) ସ୍ଥିର ମନ

୨) ଅସ୍ଥିର ମନ

୩) ବ୍ୟବହାରିକ ଜ୍ଞାନ

୫) 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭକୁ ମେଳାଅ, ଯେଉଁ ନୂଆ ସ୍ତମ୍ଭ ହେଲା 'ଗ' ସ୍ତମ୍ଭରେ ଲେଖ ।

| 'କ' | 'ଖ' | 'ଗ' |
|---|---|---|
| ଗୁରୁ | ପତ୍ର | ଗୁରୁକୂଳ |
| ଶୃଙ୍ଖଳା | ପିମ୍ପୁଡ଼ି | – |
| ଉଦାସ | କୂଳ | – |
| ଗରମ | ପାଣି | – |
| ମାନବ | ମୂଳ | – |
| ଗଛ | ସେବା | – |
| କାଇ | ମନ | – |

ଏହିପରି ଭାବରେ ଗୁରୁ ପିଲାମାନଙ୍କୁ କିଛି ଖେଳ ଖେଳାଇ ପ୍ରଶ୍ନ ପଚାରି ଗଳ୍ପ ଉପରେ ତର୍ଜମା କରିପାରିବେ ।

ମୂଲ୍ୟବୋଧ – **କୌଣସି ଜିନିଷ ଅଦରକାରୀ ନୁହେଁ ଏବଂ ପ୍ରତ୍ୟେକ ଜିନିଷର ସଠିକ ଭାବରେ ବ୍ୟବହାର ହେବା ଆବଶ୍ୟକ ।**

ଦୈନନ୍ଦିନ ଜୀବନରେ ମୂଲ୍ୟବୋଧର ଅଭ୍ୟାସ – ପ୍ରତ୍ୟେକ ଜୀବ ସଜୀବ ହେଉ କି ନିର୍ଜୀବ ହେଉ, ଆମର କିଛି ନା କିଛି କାର୍ଯ୍ୟରେ ଲାଗନ୍ତି । ତେଣୁ ପ୍ରତ୍ୟେକ ଜିନିଷର ଆମେ ଯତ୍ନ ନେବା । ପ୍ରତ୍ୟେକ ମନୁଷ୍ୟକୁ ଆମେ ସମ୍ମାନ କରିବା । କାହାକୁ ବଡ଼ ଛୋଟ ଭାବିବାନି । ସବୁବେଳେ ଚେଷ୍ଟା କରିବା ଅନ୍ୟକୁ ସାହାଯ୍ୟ କରିବା ପାଇଁ । ଆମେ କାହାକୁ ସାହାର୍ଯ୍ୟ କରିବା କାରଣ ଦରକାର ବେଳେ ସେମାନେ ବି ଆମକୁ ସାହାଯ୍ୟ କେରିବେ ।

## ଆନନ୍ଦ ଯାତ୍ରା (Joy riding)

ପିଲାମାନେ, ତୁମ୍ଭେମାନେ ଆଖିବୁଜି ସିଧାଭାବରେ ନିରବରେ ବସିବା ଓ ମୋ କଥାକୁ ମନଦେଇ ଶୁଣିବ । ମୁଁ ଯାହା ଯାହା କହିବି ତୁମେମାନେ କଳ୍ପନାରେ ତାହାସବୁ କରିବ । ଆଜି ଆମେ ଗୋଟେ ମନ୍ଦିର ଦର୍ଶନ କରିବାକୁ ଯିବା, ବାହାରେ ଗୋଟିସ ବସ ରହିଛି । ତୁମ୍ଭେମାନେ ଧାଡିକରି ଚପଲପିନ୍ଧି ଯାଇ ବସ୍ ରେ ବସ । କିଛି ପାଟିତୁଣ୍ଡ କରିବନି । ସମସ୍ତେ ବସିଗଲ । କେହି ଠିଆ ହୋଇନତ ? ବସରେ କେହି ଝରକାବାଟେ ହାତ ବା କହୁଣୀ ବାହାରକୁ ରଖିବାନି । ବସ୍‌ଟି ଏବେ ଚାଲିବାକୁ ଆରମ୍ଭ କଲାଣି । ବାହାରକୁ ଅନାଇ ଦେଖ । ସୁନ୍ଦର ପବନ ବହୁଛି । ରାସ୍ତା କଡରେ ଥିବା ଦୋକାନ, ବଜାର, ଗଛ ବଡ଼ ବଡ଼ ଅଟ୍ଟାଳିକା, ବହୁତ ଲୋକ ଯିବା ଆସିବା କରିବାର ଆମେ ଝରକା ବାଟେ ଦେଖୁଛେ । ଏଇତ ମନ୍ଦିର ପାଖରେ ଆମେ ପହଞ୍ଚିଗଲେଣି । ବସ୍‌ବି ରହିଲାଣୀ । ପିଲାମାନେ, ପୁଣି ଧାଡି ବାନ୍ଧି ନିରବରେ ବସ୍‌ରୁ ବାହାର ଏବଂ ମନ୍ଦିର ବାହାରେ ଯୋତା ଚପଲ ସବୁ ଧାଡିକରି ରଖ ମନ୍ଦିର ଭିତରେ ପ୍ରବେଶ କର । ଚାଲ, ଠାକୁରମାନଙ୍କୁ ଦର୍ଶନ କରିବା, ସୁନ୍ଦର ମନ୍ଦିର । ସାମନାରେ ରାମ ଲକ୍ଷ୍ମଣ ସୀତାଙ୍କ ମୂର୍ତ୍ତି । ଡାହାଣ ପଟରେ ହନୁମାନଙ୍କ ମୂର୍ତ୍ତି । ବାମ ପଟରେ ରାଧାକୃଷ୍ଣଙ୍କ ମୂର୍ତ୍ତି । ବାଃ କି ସୁନ୍ଦର କି ଲାବଣ୍ୟ । ସମସ୍ତେ ଠାକୁରଙ୍କ ସାମନାରେ ମୁଣ୍ଡିଆ ମାର ଏବଂ ଧାଡିବାନ୍ଧି ମନ୍ଦିର ପଛପଟକୁ ଆସ । ଆରେ, ଏଠି ସବୁ କ'ଣ ବିସ୍ତରେ ପରିବା ଚୋପା ଠାକୁରଙ୍କ ଛଡା ଫୁଲ, ଛଡା ତୁଳସୀ ସବୁ ଯତ୍ନର ସହ ରଖାଯାଇଛି । ଏଗୁଡିକ ତ ସବୁ ଅଦରକାରୀ ଅନାବଶ୍ୟକ ପଦାର୍ଥ । ହଁ, ପିଲାମାନେ ଏବେଟିକେ ଚିନ୍ତାକର । ଏହି ଅଦରକାରୀ ଜିନିଷ ବି ଆମର ବିଭିନ୍ନ କାର୍ଯ୍ୟରେ ଲାଗିପାରିବ । ପରିବା ଚୋପାରୁ କମ୍ପୋଷ୍ଟ, ଖତ ତିଆରି ହୋଇ ଗଛ ମୂଳରେ ଦିଆଯାଇପାରିବ । ଛଡାଫୁଲରୁ ଧୂପକାଠି ଓ ଅନ୍ୟାନ୍ୟ ସୁଗନ୍ଧିତ ଦ୍ରବ୍ୟ ତିଆରି କରାଯାଇପାରିବ । ଆଉ ଛଡା ତୁଳସୀରୁ ରସ ବାହାର କରାଯାଇ ବିଭିନ୍ନ ପ୍ରକାର ରୋଗର ନିରାକରଣ ପାଇଁ ବ୍ୟବହାର କରାଯାଇପାରିବ । ପିଲାମାନେ ଏଠିକି ଆସିଲେ ବୋଲି ତ ଆମେ ଏତେ ସବୁ ଦରକାରୀ କଥା ଜାଣିଲେ । ଏଥରକ ଆମେ ଫେରିବା । ସମୟ ବି ହୋଇଗଲାଣି । ଯେମିତି ଧାଡିକରି ଆସିଥିଲ ସେମିତି ଧାଡି କରି ଯାଇ ବସରେ ବସ । ସମସ୍ତେ ବସିଲ । ଅବେ ଆମେ ଆମ ବାଲବିକାଶ କେନ୍ଦ୍ରରେ ପହଞ୍ଚି ଯାଇଛେ । ସମସ୍ତେ ନିଜ ନିଜ ଜାଗାରେ ବସିପଡ । ପିଲାମାନେ ଏବେ ଦୁଇହାତର ପାପୁଲିକୁ ଘସି ତା'ର ଉଷ୍ମତାକୁ ନିଜ ଆଖି ଉପରେ ଲଗାଅ । ଧିରେ ଧିରେ ଆଖିଖୋଲି ପ୍ରଭୁଙ୍କ ଫଟୋକୁ ଦର୍ଶନ କର ।

**ମୂଲ୍ୟବୋଧ ଭିତ୍ତିକ ପ୍ରଶ୍ନ:**

୧) ଆମ ଘରେ ଅଦରକାରୀ ଭାବେ ରହିଥିବା କେଉଁ କେଉଁ ଜିନିଷକୁ ଆମେ କାର୍ଯ୍ୟରେ ଲଗାଇପାରିବା ?

୨) ଏହାଦ୍ୱାରା ଆମକୁ କ'ଣ ଲାଭ ମିଳିବ ?

ଶ୍ରୀମତୀ ଛବି ମହାନ୍ତି

ଏବଂ ଶ୍ରୀ ସତ୍ୟବ୍ରତ ନାୟକ